## ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ଧରାକୋଟ,(ବିଷ୍ଣୁକେଶରୀ ଆଚାର୍ଯ୍ୟ): ଧରାକୋଟସ୍ଥିତ ଯୁକ୍ତ ୩ ମହାବିଦ୍ୟାଳୟର ଛାତ୍ରୀମାନଙ୍କ ପାଇଁ ୮ ଦିନ ଧରି ଚାଲିଥିବା ଆତ୍ମରକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି। ଅଧ୍ୟକ୍ଷ ଡ. ସୁଜିତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅନନ୍ତ ନାରାୟଣ ଉଚ୍ଚ ମାଧମିକ ବିଦ୍ୟାଳୟର ଅଧ୍ୟକ୍ଷ ଅକ୍ଷୟ ପଟ୍ଟନାୟକ ଯୋଗଦେଇ ଏପରି ଶିବିରର ଆବଶ୍ୟକତା ଉପରେ ଛାତ୍ରୀମାନଙ୍କୁ ଜଣାଇଥିଲେ। ଅଧ୍ୟାପିକା ଲିମା ପାତ୍ର, ଆରତୀ ପ୍ରଧାନ ଓ ରଜେଶ୍ୱରୀ ସାହୁ ଓ ପ୍ରଶିକ୍ଷିକା ମିନତି ଗୌଡ଼ ଉପସ୍ଥିତ ଥିଲେ। ମହାବିଦ୍ୟାଳୟ କର୍ମଚାରୀ ପୂର୍ଣ୍ଣ ଚନ୍ଦ୍ର ଦାସ,ଅଶୋକ ଗୌଡ଼, ରାକେଶ ସ୍ୱାଇଁ ଓ ପ୍ରଭାସିନୀ ନାହାକ ଏଥିରେ ସହଯୋଗ କରିଥିଲେ।

## ବ୍ରହ୍ମପୁର ଅବକାରୀ ଗୋଇନ୍ଦା ବିଭାଗର ଚଢ଼ାଉ
# ଗଞ୍ଜେଇ ଜବତ, ୪ ଗିରଫ

ଖଲ୍ଲିକୋଟ, ୧୩।୩(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟରେ ଦିନକୁ ଦିନ ଦେଶୀ ମଦ ଓ ଗଞ୍ଜେଇର କାରବାର ଏବଂ ଚୋରା ଚାଲାଣ ବୃଦ୍ଧି ପାଇବାରେ ଲଗିଛି। ଗୁରୁବାର କନ୍ଧମାଳରୁ କୋଦଳା କାର ଯୋଗେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ସୂଚନା ପାଇ ଖଲ୍ଲିକୋଟ ହରିଡ଼ାମୂଳ ନିକଟରେ ବ୍ରହ୍ମପୁର ଅବକାରୀ ଗୋଇନ୍ଦା ବିଭାଗର କର୍ମଚାରୀ ଚଢ଼ାଉ କରି ୧୦୦ କେଜି ୫୦୦ ଗ୍ରାମ ଗଞ୍ଜେଇ ଜବତ କରିଛନ୍ତି। ସୂଚନାନୁଯାୟୀ, କନ୍ଧମାଳରୁ କାର ଯୋଗେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବେଳେ ଖବର ପାଇ ଖଲ୍ଲିକୋଟ ହରିଡ଼ାମୂଳ ନିକଟରେ ବ୍ରହ୍ମପୁର ଅବକାରୀ ଗୁଇନ୍ଦା ବିଭାଗର ଡିଏସଇ ଶ୍ରୁତି କାନ୍ତ ରାଉତଙ୍କ ନେତୃତ୍ୱରେ ଇନ୍ସପେକ୍ଟର ନାରାୟଣ ଜେନା, ଏସଆଇ ଅଜିତ କୁମାର ନାୟକ ଏବଂ ଅନ୍ୟ କର୍ମଚାରୀ ମାନେ ଚଢ଼ାଉ ଗଞ୍ଜେଇ ସହିତ କାର (ନଂ ଓଡି ୦୨ ଏଚ ୮୧୭୮) ଏବଂ କାରକୁ ଏସ୍କର୍ଟ କରି ଆଗରେ ଯାଉଥିବା ବାଇକ (ନଂ ଓଡି ୦୭ ଏଟି ୮୯୧୪) କୁ ଜବତ କରିଥିଲେ। ଗଞ୍ଜେଇ ଚୋରା ଚାଲାଣ କରୁଥିବା ୪ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ୪ ଜଣ ହେଲେ ବାଇକ ଆରୋହୀ କୋଦଳା ବେଲଝରି ଗ୍ରାମର ଦିପୁ ପ୍ରଧାନ (୨୪), ଗଞ୍ଜେଇ ଚୋରା ଚାଲାଣ କରୁଥିବା ଲିବିୟା ପ୍ରଧାନ (୨୧), ନିପାରା ପ୍ରଧାନ (୨୭), କାର ଡ୍ରାଇଭର ହାଡିବନ୍ଧୁ ନାୟକ (୩୬)। ସମସ୍ତ ଅଭିଯୁକ୍ତ କନ୍ଧମାଳ ଜିଲା କୋଟଗଡ ଥାନା ପକାରୀ ଗ୍ରାମର ବାସିନ୍ଦା ବୋଲି ଜଣାପଡ଼ିଛି। ଅଭିଯୁକ୍ତ ମାନଙ୍କ ଠାରୁ ୪ ଟି ମୋବାଇଲ ଫୋନ ଜବତ କରାଯାଇଥିବା ସୂଚନା ମିଳିଛି।

# ପାନୀୟ ଜଳ ସମସ୍ୟା ତୁରନ୍ତ ସମାଧାନ ନିର୍ଦ୍ଦେଶ

## ଗ୍ରୀଷ୍ମ ମୁକାବିଲା ପ୍ରସ୍ତୁତି ବୈଠକ

ଭଞ୍ଜନଗର, ୧୩।୩(ବାବୁଲା ପ୍ରଧାନ):

ଭଞ୍ଜନଗର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ଗ୍ରୀଷ୍ମ ମୁକାବିଲା ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପ ଜିଲାପାଳ ଉମାଶଙ୍କର ବେହେରା ଅଧ୍ୟକ୍ଷତା କରିଥିଲେ। ଉପଖଣ୍ଡସ୍ତରରେ ଯେଉଁ ଜନବସତିରେ ପିଇବା ପାଣି ସମସ୍ୟା ଦେଖାଦେଉଛି ସେଠି ଯଥାଶୀଘ୍ର ସମସ୍ୟା ସମାଧାନ କରିବା, ଆବଶ୍ୟକତା ଅନୁସାରେ ନଳକୂଅ ଖୋଲିବା, ସହରଠୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲିବା, ପାଣି ସୁବିଧା ନ ଥିବା ସ୍ଥାନକୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇବା ପାଇଁ ଉପଜିଲାପାଳ ବେହେରା ଉପସ୍ଥିତ



ବୈଠକରେ ଉପସ୍ଥିତ ଅଧିକାରୀ।

ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପାଣି ସମସ୍ୟା ନେଇ ଯେ କେହି ଅଭିଯୋଗ ଆଣୁଛନ୍ତି, ତାହାର ତୁରନ୍ତ ସମାଧାନ କରିବାକୁ କହିଛନ୍ତି। ଯଦି କୌଣସି କର୍ମଚାରୀ ସେବା ଯୋଗାଇବାରେ ଅବହେଳା କରନ୍ତି ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପରୋକ୍ଷରେ ତାହା କହିଛନ୍ତି। ବୈଠକରେ ପାନୀୟଜଳ ଯୋଗାଣ ବିଭାଗର ଅଧିକ୍ଷଣ ଯନ୍ତ୍ରୀଙ୍କ ସମେତ ଭଞ୍ଜନଗର, ଆସିକା, ପୋଲସରା, ହିଞ୍ଜିଳିକାଟୁର ସହାୟକ ନିର୍ବାହୀ ଯନ୍ତ୍ରୀ, ଭଞ୍ଜନଗର ଓ ଆସିକା ଜନସ୍ୱାସ୍ଥ୍ୟ ବିଭାଗ ସହାୟକ ନିର୍ବାହୀ ଯନ୍ତ୍ରୀ ଏବଂ ବ୍ଲକ ସ୍ତରୀୟ କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ଥିଲେ। ଅନ୍ୟପଟେ ଭଞ୍ଜନଗର ଦକ୍ଷିଣ ଘୁମୁସର ବନଖଣ୍ଡ କାର୍ଯ୍ୟାଳୟ ପକ୍ଷରୁ ଗୁରୁବାର କାର୍ଯ୍ୟାଳୟ ସମ୍ମୁଖରେ ଜଳଛତ୍ର ଖୋଲାଯାଇଛି। ବିଭାଗର ଏହିଭଳି କାର୍ଯ୍ୟକୁ ଲୋକେ ପ୍ରଶଂସା କରିଛନ୍ତି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ହୋଲି ଉତ୍ସବ



ବିଦ୍ୟାଳୟରେ ହୋଲି ଉତ୍ସବ ପାଳିଥିବା ଛାତ୍ରୀଛାତ୍ରମାନେ।

ପାରଳାଖେମୁଣ୍ଡି, ୧୩।୩(ଗିରିଧାରୀ ପରିଛା)

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଗୁରୁବାର ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗର ପର୍ବ ହୋଲି ଉତ୍ସବ ପାଳିତ ହୋଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରମାନେ ଗୁରୁମାଗୁରୁଜୀ ଓ ପରସ୍ପରକୁ ରଙ୍ଗ ବୋଳି ହୋଲି ଖେଳିଥିଲେ। ହୋଲିରେ ବନ୍ଧୁତାର ବାର୍ତ୍ତା ଦେବା, ବହୁଳ ମାତ୍ରାରେ ପ୍ରାକୃତିକ ରଙ୍ଗର ବ୍ୟବହାର କରିବା, ନିରୀହ ପଶୁପକ୍ଷୀଙ୍କ ଉପରେ ରଙ୍ଗ ନ ଢାଳିବା ପାଇଁ ଗୁରୁମାଗୁରୁଜୀମାନେ ପରାମର୍ଶ ଦେଇଥିଲେ।

## ମଧ୍ୟାହ୍ନଭୋଜନ ନ ପାଇ ଛାତ୍ରୀଛାତ୍ର ଆନ୍ଦୋଳନ କରିବା ଘଟଣା
# ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ ୨ ନିଲମ୍ବିତ

ପୁରୁଷୋତ୍ତମପୁର, ୧୩।୩ (ସୀମାଞ୍ଚଳ ମିଶ୍ର)

- କୁମାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ
- ଏବିଇଓ, ପିଅନଙ୍କୁ କାରଣ ଦର୍ଶାଅ ନୋଟିସ

ଦୁଇଦୁଇଟି କାର୍ଯ୍ୟରେ ଅବହେଳା ପାଇଁ ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ସହରର କୁମାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଟି. ଶାନ୍ତିଲତା ପାତ୍ରଙ୍କୁ ବୁଧବାର କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ତାଙ୍କ ସହ ଅନ୍ତରିଗାଁ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ନିତ୍ୟାନନ୍ଦ ବେହେରାଙ୍କୁ ମଧ ନିଲମ୍ବିତ କରାଯାଇଛି। ପ୍ରଧାନଶିକ୍ଷୟିତ୍ରୀ କାର୍ଯ୍ୟରେ ଅବହେଳା ପାଇଁ ନିଲମ୍ବିତ ହୋଇଥିବା ବେଳେ ନିତ୍ୟାନନ୍ଦ ନିଜକୁ ବିଇଓ ପରିଚୟ ଦେଇ ପ୍ରଧାନଶିକ୍ଷୟିତ୍ରୀଙ୍କ ନିକଟକୁ ଫୋନ କରିଥିବାରୁ ନିଲମ୍ବିତ ହୋଇଛନ୍ତି।

ଖବରରୁ ଜଣାପଡିଛି, କୁମାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗତ ୫ ତାରିଖରେ ପିଲାଙ୍କୁ ମଧ୍ୟାହ୍ନଭୋଜନ ଖାଇବାକୁ ମିଳି ନ ଥିଲା। ଏହାର ପ୍ରତିବାଦରେ ଛାତ୍ରୀଛାତ୍ରମାନେ ରାସ୍ତାକୁ ଆସି ଖରାରେ ବସି ଆନ୍ଦୋଳନ କରିଥିଲେ। ଛାତ୍ରୀଛାତ୍ରଙ୍କ ଏହି ଆନ୍ଦୋଳନ ଖବର ଗଣମାଧ୍ୟମରେ ପ୍ରକାଶ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଗୁରୁତର ସହ ନେଇ ଗତ ୬ରେ ଗଞ୍ଜାମ ଜିଲା ପ୍ରଶାସନକୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରୁ ନୋଡାଲ ଅଫିସର ଗିରିଶଚନ୍ଦ୍ର ସିଂ ଗତ ୭ରେ ଚିଠି ନଂ. ୨୩୩ରେ ଏହାର ତଦନ୍ତ ଲାଗି ଜିଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଡିଇଓ ପୁରୁଷୋତ୍ତମପୁର ବିଇଓଙ୍କୁ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ।

ଏହାକୁ ଭିତ୍ତିକରି ବିଇଓ ଏସ. ଗିରିଧାରୀ ଘଟଣାର ତଦନ୍ତ କରିଥିଲେ। ଏଥିସହ ପ୍ରଧାନ ଶିକ୍ଷୟିତ୍ରୀ ଆସନ୍ତା ଜୁଲାଇରେ ଅବସର ଗ୍ରହଣ କରିବାକୁ ଥିବାରୁ ସରକାରୀ ନିୟମ ଅନୁସାରେ ସେ ଅବସରର ୬ମାସ ପୂର୍ବରୁ ବିଦ୍ୟାଳୟର ବରିଷ୍ଠ ଶିକ୍ଷକଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବାକୁ ଥିବା ନିୟମକୁ ସେ ପାଳନ କରି ନ ଥିଲେ। ଏହାକୁ ମଧ ତଦନ୍ତ ସମୟରେ ଯାଞ୍ଚ କରାଯାଇଥିଲା। ଫଳରେ ଦୁଇଦୁଇଟି କାର୍ଯ୍ୟରେ ଅବହେଳା ଯୋଗୁ ପ୍ରଧାନ ଶିକ୍ଷୟିତ୍ରୀ ଟି. ଶାନ୍ତିଲତାଙ୍କୁ ଚିଠି ନଂ. ୪୭୮ରେ ବିଇଓ ନିଲମ୍ବନ କରିଛନ୍ତି। ସମ୍ପୃକ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ମିଛରେ ବିଇଓ ପରିଚୟ ଦେଇ ଫୋନ କରିବା ଘଟଣାରେ ଅନ୍ତରିଗାଁ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ନିତ୍ୟାନନ୍ଦଙ୍କୁ ମଧ ଚିଠି ନଂ. ୪୮୩ରେ ନିଲମ୍ବିତ କରାଯାଇଛି। ଏଥିସହ ଏହି ଘଟଣାର ଭିଡିଓ ସୋସିଆଲ ମିଡିଆ ଗ୍ରୁପରେ ପଠାଇଥିବାରୁ ବିଇଓଙ୍କ କାର୍ଯ୍ୟାଳୟ ପିଅନ ଗ୍ରୀଷ୍ମକାନ୍ତ ତ୍ରିପାଠୀ ଓ ଏଥିରେ ସମ୍ପୃକ୍ତ ଥିବା ଏବିଇଓ ସୀମାଞ୍ଚଳ ରଥଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ତିନିଜଣ ଶିକ୍ଷକଙ୍କୁ ତାଗିଦା କରାଯାଇଥିବା ବିଇଓ ଏସ. ଗିରିଧରୀ ସୂଚନା ଦେଇଛନ୍ତି।

## ମନ୍ଦିରରୁ ଚୋରି କରି ଧରାପଡ଼ିଲେ ଯୁବକ

ବେଲଗୁଣ୍ଠା, ୧୩।୩,( କୃଷ୍ଣଚନ୍ଦ୍ର ପଟ୍ଟନାୟକ)–

ବୁଧବାର ରାତିରେ ଗାଙ୍ଗପୁର ଥାନା ଅନ୍ତର୍ଗତ କଣ୍ଟେଇପଲ୍ଲୀ ମୁଖ୍ୟ ରାସ୍ତାରେ ଥିବା ବନଦୁର୍ଗା ମନ୍ଦିର ହୁଣ୍ଡି ଭାଙ୍ଗି ଚୋରି ହୋଇଛି। ଏନେଇ ଜଣାପଡିବା ପରେ ପୋଲିସ ତଦନ୍ତ କରି ଚୋରଙ୍କୁ ଗିରଫ କରିଛି। ସେ ହେଲେ ପୋଲସରା ଥାନା ଅନ୍ତର୍ଗତ ଜୋକବନ୍ଧ ଗ୍ରାମର ମିଥୁନ ମହାପାତ୍ର (୨୭)। ମିଥୁନ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳରେ ବୁଲାବୁଲି କରୁଥିବା ଲୋକେ ଦେଖିଥିଲେ। ରାତି ସାଢେ ୧୦ଟାରେ ସେ ବନଦୁର୍ଗା ମନ୍ଦିର ତାଲା ଭାଙ୍ଗି ଭିତରକୁ ଯାଇ ହୁଣ୍ଡିରେ ଥିବା ୫୪୦ ଟଙ୍କା ଚୋରି କରି ଥିଲେ। ନିକଟରେ କୁକୁଡା ଫାର୍ମ କରିଥିବା ଜଣେ ଯୁବକ କିଛି ଶବ୍ଦ ହେବା ଶୁଣି ମନ୍ଦିର ପାଖକୁ ଆସି ଦେଖିବା ବେଳକୁ ମନ୍ଦିରର ତାଲା ଏବଂ ହୁଣ୍ଡି ଭଙ୍ଗା ଯାଇଥିଲା। ଯୁବକ ଏ ସଂକ୍ରାନ୍ତରେ ସୋମନାଥପଲ୍ଲୀ ଗ୍ରାମବାସୀଙ୍କୁ ଜଣାଇଥିଲେ। ପରେ ମା'ଙ୍କ ପୂଜକଙ୍କ ସହ ସ୍ଥାନୀୟ ଲୋକେ ଆସି ପୋଲିସକୁ ଖବର ଦେଇଥିଲେ। ଗାଙ୍ଗପୁର ଥାନା ଅଧିକାରୀ ଶ୍ରଦ୍ଧାଞ୍ଜଳି ସୁବୁଦ୍ଧି ଓ ଟିମ୍ ପହଞ୍ଚି ଆଖପାଖରେ ମିଥୁନଙ୍କୁ ଖୋଜିଥିଲେ। ନିକଟସ୍ଥ ଏକ ବୁଦା ଭିତରେ ଲୁଚିଥିବା ମିଥୁନଙ୍କୁ ପୋଲିସ ଓ ଗ୍ରାମବାସୀ ଧରିଥିଲେ। କେସ୍ ନଂ. ୧୬୨/୨୫।

## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

ବୁଗୁଡା, ୧୩।୩(କାଳିଚରଣ ଦାଶ)

ବୁଗୁଡ଼ା ଥାନା ଅଞ୍ଚଳର ଜନୈକ ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ବାଲିପଦର ଫାଣ୍ଡି ଅଧିକାରୀ କେ. ନିଳାଦ୍ରୀ ରେଡ୍ଡୀ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ବୁଗୁଡା ଥାନା ଅଞ୍ଚଳର ମିଥୁନ ସ୍ୱାଇଁ (୨୨)। ଏ ନେଇ ନଂ. ୧୬୧/୨୫ରେ ଏକ ବଳାତ୍କାର ମାମଲା ରୁଜୁ ହୋଇଛି।

ପ୍ରକାଶ ଯେ, ଗତ ୧୧ରେ ନାବାଳିକାଙ୍କ ମା' ବ୍ୟାଙ୍କ କାମରେ ବୁଗୁଡାକୁ ଆସିଥିବା ବେଳେ ସେ ଘରେ ଏକାକୀ ଥିଲେ। ଏହାର ସୁଯୋଗ ନେଇ ଅପରାହ୍ନ ପ୍ରାୟ ୩ଟାରେ ମିଥୁନ ବାରିପଟ ଦ୍ୱାର ଦେଇ ନାବାଳିକାଙ୍କ ଘରେ ପଶି ତାଙ୍କୁ ବଳାତ୍କାର କରିଥିଲେ। ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ନ ଜଣାଇବା ପାଇଁ ତାଙ୍କୁ ମିଥୁନ ଧମକଚମକ ଦେଇଥିଲେ। ୪ଟା ବେଳକୁ ତାଙ୍କ ମା' ଘରକୁ ଫେରିଥିଲେ। ଘର ସମ୍ମୁଖ ଦ୍ୱାର କବାଟ ଭିତର ପଟୁ ବନ୍ଦ ଥିବାରୁ ସେ ବାରିପଟକୁ ଯାଇଥିଲେ। ନାବାଳିକାଙ୍କ ମା'ଙ୍କ ପାଟି ଶୁଣି ମିଥୁନ ସେଠାରୁ ଫେରାର ହୋଇଯାଇଥିଲେ। ନାବାଳିକା ଜଣକ କାନ୍ଦି କାନ୍ଦି ମା'ଙ୍କ ଆଗରେ ଘଟଣା ସମ୍ପର୍କରେ ସବୁ କହିଥିଲେ। ଏ ନେଇ ୧୨ରେ ଫାଣ୍ଡିରେ ଅଭିଯୋଗ ପରେ ମିଥୁନଙ୍କୁ ଗିରଫ କରାଯାଇଥିଲା। ପରେ ବୁଗୁଡା ମେଡିକାଲରେ ଯୁବକର ଏବଂ ଭଞ୍ଜନଗର ମେଡିକାଲରେ ନାବାଳିକାଙ୍କ ଡାକ୍ତରୀ ମାଇନା କରାଯାଇଥିଲା। ଅଭିଯୁକ୍ତ ମିଥୁନଙ୍କୁ ଜେଲକୁ ପଠାଯାଇଛି।

## ବିଭାସଙ୍କ ସ୍ମୃତିସଭା
## ହତ୍ୟାକାରୀଙ୍କୁ ଫାଶୀ ଦାବି

ଜି.ଉଦୟଗିରି, ୧୩।୩(ଶିଶିର ପଟ୍ଟନାୟକ/ଚିନ୍ମୟ କୁମାର ସେଠୀ)

କର୍ଣାଟକ ହାମ୍ପିଠାରେ ଦୁର୍ବୃତ୍ତଙ୍କ ଦ୍ୱାରା ହତ୍ୟା ହୋଇଥିବା ଦାରିଙ୍ଗବାଡ଼ି ବ୍ଲକ୍ ତେରେବାଡ଼ି ଗ୍ରାମର ସ୍ୱର୍ଗତ ବିଭାସ ନାୟକଙ୍କ ଘର ଜି.ଉଦୟଗିରି ଗୁଡ୍ରିପଡ଼ି ଠାରେ ଶୋକସଭା ଅନୁଷ୍ଠିତ ହୋଇଛି। ବିଭାସ ନିଜ ପଢ଼ା ସରିବା ପରେ ଦିଲ୍ଲୀ ସ୍ଥିତ ଏସଟି ଷ୍ଟିଫେନ୍ ହସ୍ପିଟାଲରେ ଚାକିରି କରୁଥିଲେ। କିଛିଦିନ ହେବ ସେ ନିଜ ବନ୍ଧୁ ମାନଙ୍କ ସହ କର୍ଣ୍ଣାଟକ ହାମ୍ପି ପର୍ଯ୍ୟଟନ ସ୍ଥାନକୁ ବୁଲିବାକୁ ଯାଇଥିବା ବେଳେ ତାଙ୍କୁ ହତ୍ୟା କରାଯାଇଛି। ୬ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା। ୯ ତାରିଖରେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଜି.ଉଦୟଗିରି ଅଣାଯାଇ ଗୁଡ୍ରିପଡ଼ି ଠାରେ କବର ଦିଆଯାଇଥିଲା। ରୀତିନୀତି ଅନୁଯାୟୀ ଗୁରୁବାର ଶୋକସଭା ବା ମାଡ଼ା ଅନୁଷ୍ଠିତ ହୋଇଛି। ଏହି ଦୁଃଖଦ ସମୟରେ ପୀଡ଼ିତ ପରିବାରକୁ ସମବେଦନା ଜଣାଇବା ପାଇଁ ବନ୍ଧୁ ବାନ୍ଧବ, ଖ୍ରୀଷ୍ଟ ଧର୍ମର ମହାଚାର୍ଯ୍ୟ, ଆଚାର୍ଯ୍ୟ, ଫାଦେର, ସିଷ୍ଟର, ବିଭିନ୍ନ ଚର୍ଚ୍ଚ ଗୁଡ଼ିକର ପାଳକ ତଥା ଗ୍ରାମବାସୀ ଉପସ୍ଥିତ ଥିଲେ। ଉପସ୍ଥିତ ବନ୍ଧୁ ପରିଜନ ସ୍ୱର୍ଗତଃ ବିଭାସଙ୍କ ସ୍ମୃତି ଚାରଣ କରିଥିଲେ। ତାଙ୍କ ଆତ୍ମାର ଶାନ୍ତି ଓ ସଦ୍‌ଗତି କାମନା କରି ଭାଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଅନ୍ୟପଟେ ବିଭାସଙ୍କ ଉଦ୍ଦେଶ୍ୟରେ ଏମ୍‌ଏମ୍‌ସି ହସ୍ପିଟାଲ ସମ୍ପାଦକ ଡା.ଦୀପକ ମଲିକଙ୍କ ତତ୍ତ୍ୱାବଧାନରେ ହସ୍ପିଟାଲ କର୍ମଚାରୀ ଆଲୋକ ଚନ୍ଦ୍ର ନାୟକ, ନର୍ସିଂ ଛାତ୍ରୀଛାତ୍ର ଓ ସହଯୋଗୀ ମାନଙ୍କ ତରଫରୁ ଜି.ଉଦୟଗିରି ସହରରେ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ କ୍ୟାଣ୍ଡେଲ ଯାତ୍ରା ଅନୁଷ୍ଠିତ ହୋଇଛି। ଅନ୍ୟମାନେ ସହଯୋଗ କରିଥିଲେ।

# ବନବିଭାଗ ପକ୍ଷରୁ ଦକ୍ଷତା ବୃଦ୍ଧି ତାଲିମ

ଜଗନ୍ନାଥପ୍ରସାଦ, ୧୩।୩ (ବିଭୁ ପ୍ରସାଦ ପଟ୍ଟନାୟକ)

ଜଗନ୍ନାଥ ପ୍ରସାଦ ବନାଞ୍ଚଳ ଅନ୍ତର୍ଗତ ବୁଧବାର ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ବନ ବିଭାଗ ପକ୍ଷରୁ ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ପରେ ବୃକ୍ଷଲତା ଏବଂ ବନ୍ୟପ୍ରାଣୀଙ୍କୁ ଜଙ୍ଗଲ ନିଆଁ ଦାଉରୁ ରକ୍ଷା କରିବା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରେଞ୍ଜ ଅଧୀନ କପିଳ ପଲ୍ଲୀ, ହଜପଲ୍ଲୀ, ପାଟରା ପଲ୍ଲୀ, ଅରଖପଲ୍ଲୀ, ବାଣ ତୁମ୍ବ, ପନ୍ତି ଖାରି, ଭୁଶୁଭୁଷା, ନାରାୟଣ ପଲ୍ଲୀ ଅଞ୍ଚଳର ସ୍ୱୟଂ ସହାୟିକା ମହିଳା ମାନେ ଯୋଗ ଦେଇଥିଲେ। ବନାଞ୍ଚଳ ଅଧିକାରୀ ସୁଜାତା ପଣ୍ଡାଙ୍କ ସଭାପତିତ୍ୱରେ ବ୍ରହ୍ମପୁରରୁ ସୌନ୍ଦର୍ଯ୍ୟ ଓ ସ୍ୱାସ୍ଥ୍ୟ ଯୋଗ ସଚେତନ ପାଇଁ ସୁଜ୍ଞାନୀ ଆଚାର୍ଯ୍ୟ, ମମତା ରାଣୀ ମହାନ୍ତି ଯୋଗ ଦେଇଥିଲେ। ସେହିଭଳି ଭିଏସଏସ୍, ଓଏଫଏସଡିପି–୨, ଫାୟାର ସ୍କ୍ୱାଡ୍, ଗଜ ସାଥି ଏବଂ ବନ ବିଭାଗର ବନପାଳ ଦିଲ୍ଲୀପ ଦାସ, ସୁକାନ୍ତ ନାୟକ,



ବାହାରିଥିବା ସଚେତନତା ରାଲି ।

ବନରକ୍ଷୀ ପ୍ରଭାସିନୀ ଗୌଡ଼, ପ୍ରିୟଙ୍କା ପାଳ, ସରସ୍ୱତୀ ମଲ୍ଲିକ, ଅଶୋକ ସ୍ୱାଇଁ, କ୍ଷେତ୍ରବାସୀ ମାହାଗୁଡ଼ ସମେତ ବହୁ କର୍ମଚାରୀ ସଦ୍ୟସ୍ୟ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବନ ଅଧିକାରୀ ସ୍ଥାନୀୟ ଲୋକଙ୍କୁ ଜଙ୍ଗଲରେ ନିଆଁ ଲାଗିଲେ ମନୁଷ୍ୟ ଜୀବନରେ କ'ଣ କ'ଣ ସମସ୍ୟା ଦେଖିବାକୁ ମିଳେ, ଜଙ୍ଗଲରେ ନିଆଁ ଲାଗିଲେ ଜଙ୍ଗଲୀ ଜୀବଜନ୍ତୁ ସହିତ ବଣ କିଭଳି ପ୍ରଭାବିତ ହୋଇଥାଏ ସେ ସମ୍ପର୍କରେ ଅଭିଭାଷଣ ମାଧ୍ୟମରେ ଜଣାଇଥିଲେ। ସେହିପରି ଅନ୍ୟାନ୍ୟ ଅତିଥି ନିଆଁ ଦାଉରୁ ରକ୍ଷା କରିବା, ଜଙ୍ଗଲ ବଞ୍ଚିଲେ ମଣିଷ ବଞ୍ଚିବ ଓ ଜଙ୍ଗଲ ନଷ୍ଟ ହେଲେ ମଣିଷର କିଭଳି କ୍ଷତି ହୋଇଥାଏ ନିଜ ଅଭିଭାଷଣ ମାଧ୍ୟମରେ କରିଥିଲେ।

## କ୍ରାଣ୍ଡି ମାସ୍କା ଜଙ୍ଗଲରେ ନିଆଁ

ଖଜୁରୀପଡ଼ା ୧୩।୩( ବିଦୁର ବେହେରା)

ଜଙ୍ଗଲରେ ନିଆଁ ଲଗାଇ ଦେବା ଦ୍ୱାରା ଜଙ୍ଗଲ ସମ୍ପଦ ନଷ୍ଟ ହେଉଛି। ବନ୍ୟପ୍ରାଣୀ ବିପଦରେ ରହୁଛନ୍ତି। ଜଙ୍ଗଲରେ ନିଆଁ ନ ଲଗାଇବା ପାଇଁ ବନବିଭାଗ ପକ୍ଷରୁ ବିଭିନ୍ନ ସମୟରେ ସଚେତନା କାର୍ଯ୍ୟକ୍ରମ କରାଯାଉଛି। ତଥାପି କେତେ ଜଣ ଜଙ୍ଗଲରେ ନିଆଁ ଲଗାଇ ଦେଉଛନ୍ତି । ଫଳରେ ନିଆଁକୁ ଆୟତ୍ତ କରିବାକୁ ବନବିଭାଗ କର୍ମଚାରୀ ନାକେଦମ ହେଉଛନ୍ତି। ଖଜୁରୀପଡ଼ା ବ୍ଲକ ଅଞ୍ଚଳ ଜଙ୍ଗଲ ପାହାଡ ଘେରାରେ ରହିଛି। ଜଙ୍ଗଲ ଓ ପାହାଡ ଉପରେ ଏଠାକାର ଲୋକେ ବସ୍ତି କରି ରହୁଛନ୍ତି। କେତେକ ଜଙ୍ଗଲ ଗୁଡିକରେ ନିଆଁ ଲଗାଇ ଦେଉଛନ୍ତି। ଗୁରୁବାର ସୁଡ୍ରେଜୁ ପଞ୍ଚାୟତର କ୍ରାଣ୍ଡି ମାସ୍କା ଜଙ୍ଗଲରେ କେହି ନିଆଁ ଲଗାଇ ଦେଇଛି। ଏନେଇ ବନବିଭାଗ କର୍ମଚାରୀ ସୂରାକ ପାଇନାହାନ୍ତି। ଏ ନେଇ ରେଞ୍ଜର ମାନସ ରଞ୍ଜନ ସାହୁଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ଷ୍ଟାଫ ପଠେଇବି ବୋଲି କହିଥିଲେ।

# ଜି.ଉଦୟଗିରି ଜଙ୍ଗଲରେ ନିଆଁ
## ନିଆଁ ଲିଭା କାର୍ଯ୍ୟରେ ଡିଏଫ୍‌ଓ ସାମିଲ



ନିଆଁଲିଭାରେ ସାମିଲ ହୋଇଥିବା ଡିଏଫଓ ଓ ଅନ୍ୟମାନେ।

ଜି.ଉଦୟଗିରି, ୧୩।୩ (ଚିନ୍ମୟ କୁମାର ସେଠୀ)

ଗ୍ରୀଷ୍ମ ଋତୁ ଆରମ୍ଭରୁ ସ୍ଥାନୀୟ ବନାଞ୍ଚଳ ଅନ୍ତର୍ଗତ କିଛି ଜଙ୍ଗଲରେ ନିଆଁ ଲାଗିଥିବା ଦେଖିବାକୁ ମିଳିଛି। କଳିଙ୍ଗାରୁ ଫୁଲବାଣୀ ଜାତୀୟ ସଡ଼କ ନିକଟ ଜଙ୍ଗଲରେ ନିଆଁ ଲାଗିଥିବା ଖବର ପାଇ ଜିଲା ବନବିଭାଗ ଅଧିକାରୀ ପ୍ରଶାନ୍ତ ପଟେଲଙ୍କ ନେତୃତ୍ୱରେ ନିଆଁକୁ ଆୟତ୍ତ କରିବା ପାଇଁ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭେଇବା କାମ କରୁଥିବା ଦେଖିବାକୁ ମିଳିଛି। ପ୍ରତ୍ୟକ ବର୍ଷ କୋଟି କୋଟି ବ୍ୟୟ କରି ଜଙ୍ଗଲ ବୃଦ୍ଧି ନିମନ୍ତେ ବୃକ୍ଷ ରୋପଣ ହେଉଥିବା ବେଳେ ଗ୍ରାମାଞ୍ଚଳର ଲୋକେ ମହୁଲ ଗୋଟେଇବା ପାଇଁ ଗଛ ତଳେ ନିଆଁ ଲଗାଇ ଚାଲିଯାଉଛନ୍ତି। ଯାହା ଫଳରେ ପୁରା ଜଙ୍ଗଲ ଜଳି ଯାଉଛି। ଜଙ୍ଗଲରେ ନିଆଁ ଲାଗିବା ଯୋଗୁଁ ତାପମାତ୍ରା ବୃଦ୍ଧି ପାଇବା ନିଶ୍ଚିତ। ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ଗ୍ରାମାଞ୍ଚଳରେ ହେଉ କିମ୍ବା ସହରାଞ୍ଚଳରେ ହେଉ ଜନସାଧାରଣଙ୍କ ନିକଟରେ ପହଞ୍ଚି ଜଙ୍ଗଲରେ ନିଆଁ ନ ଲଗେଇବା ପାଇଁ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବା ଓ ପେଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରିବା ସହ ବିଭାଗୀୟ ଅଧିକାରୀ ନିଆଁ ଲିଭେଇବା ପାଇଁ ଯଥେଷ୍ଟ ସଂଖ୍ୟକ କର୍ମଚାରୀଙ୍କୁ ନିୟୋଜିତ କରିବାକୁ ବୁଦ୍ଧିଜିବୀ ବନବିଭାଗ ଅଧିକାରୀଙ୍କୁ ଦାବି କରିଛନ୍ତି। ଜଙ୍ଗଲରେ ନିଆଁ ବ୍ୟାପିବା ଯୋଗୁଁ ବହୁ ମୂଲ୍ୟବାନ ଗଛ ନଷ୍ଟ ହେବା ସହ ନିରୀହ ଜୀବଜନ୍ତୁଙ୍କ ମୃତ୍ୟୁ ହେଉଛି।

## ଗାଁକୁ ୬ ମାସ ହେଲା ଜଳ ଯୋଗାଣ ବନ୍ଦ
# ପ୍ରତିବାଦରେ ରାସ୍ତାରୋକୋ କଲେ ଗ୍ରାମବାସୀ

ପାରଳାଖେମୁଣ୍ଡି, ୧୩।୩ (ଗିରିଧାରୀ ପରିଛା)

ଗଜପତି ଜିଲା ରାୟଗଡ଼ ବ୍ଲକର ଗଣ୍ଡାହାତୀ ଗ୍ରାମରେ ପାନୀୟ ଜଳ ସମସ୍ୟା ଦୀର୍ଘ ଦିନ ଧରି ଲାଗି ରହିଛି। ଏନେଇ ଗ୍ରାମବାସୀ ବିଭିନ୍ନ ସମୟରେ ପ୍ରଶାସନକୁ ଜଣାଇଥିଲେ ମଧ କିଛି ସୁଫଳ ମିଳି ନ ଥିଲା। ଏହାର ପ୍ରତିବାଦରେ ଶତାଧିକ ଗ୍ରାମବାସୀ ଗୁରୁବାର ରାସ୍ତାରେ ହାଣ୍ଡି ମାଠିଆ ରଖି ରାସ୍ତା ଅବରୋଧ କରିଥିଲେ। ଫଳରେ ଅଡାସିଂ ଓ ଗୋପିଲି ରାସ୍ତା ପ୍ରାୟ ତିନି ଘଣ୍ଟା ଧରି ଯାତାୟାତ ଠପ ହୋଇଯାଇଥିଲା। ଘଟଣା ସ୍ଥଳରେ ଗାରାବନ୍ଧ ପୋଲିସ ଓ ସ୍ଥାନୀୟ ସରପଞ୍ଚ ପହଞ୍ଚି ଆନ୍ଦୋଳନକାରୀ ଗ୍ରାମବାସୀଙ୍କ ସହ ଆଲୋଚନା କରି ପ୍ରତିଶ୍ରୁତି ଦେବାରୁ ରାସ୍ତାରୋକୋ ହଟିଥିଲା।

ଖବରରୁ ଜଣାପଡିଛି, ଗଣ୍ଡାହାତୀ ଗ୍ରାମରେ ଦୀର୍ଘ ଛଅ ମାସ ଧରି ପିଇବା ପାଣି ସମସ୍ୟା ଲାଗିରହିଛି। ଲୋକେ ପାଣି ମୁନ୍ଦାଏ ପାଇଁ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏନେଇ ପଞ୍ଚାୟତଠାରୁ ଆରମ୍ଭ କରି ଗ୍ରାମବାସୀ ବ୍ଲକ ପ୍ରଶାସନକୁ ଜଣାଇଥିଲେ ମଧ ସମସ୍ୟା ସମାଧାନ ପ୍ରତି କେହି ଗୁରୁତ୍ୱ ଦେଇ ନ ଥିଲେ। ଫଳରେ ଗୁରୁବାର ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇ ରାସ୍ତା ଅବରୋଧ କରିଥିଲେ । ଗଣ୍ଡାହାତୀ ଜଳପ୍ରପାତରୁ ପାଇପ ଯୋଗେ ଜଳ ଉଠାଇ ଗ୍ରାମକୁ ପାଣି ଯୋଗାଣ ହେଉଛି। ହେଲେ ଉକ୍ତ ଗ୍ରାମ ନିକଟରେ ରାସ୍ତା କାମ ଚାଲିଥିବା ବେଳେ ଠିକା ସଂସ୍ଥା ପାଇପ ଲାଇନଗୁଡ଼ିକ କାଟି ଦେଇଥିବାରୁ ଗ୍ରାମକୁ ପାନୀୟଜଳ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଛଅ ମାସ ହେଲା ପାନୀୟଜଳ ଯୋଗାଣ ବନ୍ଦ ରହିଛି। ଗ୍ରାମବାସୀ ଗାଁ ନିକଟରେ ଥିବା ଚୁଆ ପାଣି ଉପରେ ନିର୍ଭର କରୁଛନ୍ତି। ଘଟଣା ସ୍ଥଳରେ ଗାରାବନ୍ଧ ଥାନା ଅଧିକାରୀ ପ୍ରଶାନ୍ତ ନିଶିକା ଓ ସ୍ଥାନୀୟ ସରପଞ୍ଚ ଜୋସ୍ନା କୁମାରୀ ମଣ୍ଡଳ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରି ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହାର ହୋଇଥିଲା।

# କନ୍ଧମାଳ ମହୋତ୍ସବ ପାଇଁ ମଶାଲ ଶୋଭାଯାତ୍ରା

କ.ନୂଆଗାଁ, ୧୩।୩ (କାଳି ପ୍ରସାଦ ତ୍ରିପାଠୀ)

କନ୍ଧମାଳ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ କନ୍ଧମାଳ ମହୋତ୍ସବ ପାଇଁ ମଶାଲ ଶୋଭାଯାତ୍ରା ବାହାରିଛି । ଗୁରୁବାର କ.ନୂଆଗାଁର ଧୂଙ୍ଗିଆ ଦେଇଠାରେ ମଶାଲକୁ ସ୍ୱାଗତ କରାଯାଇଥିଲା। ଏଥିରେ ବିଡିଓ ଶୁଭ୍ରାଞ୍ଜଳି ପ୍ରଧାନ, ଜିଲା ବିଜେପି ସଭାପତି ପଣ୍ଡିତ ବିଶି ମାଝୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶୁଭମ୍ ମହାପାତ୍ର, ଜିଲା ପରିଷଦ ସଭ୍ୟା ଅନିତା ମଲିକ୍, ବ୍ଲକ୍ ଉପାଧ୍ୟକ୍ଷ ଧବଳେଶ୍ୱର ପାତ୍ର, ସି.ପି.ରାକେଶ ସାହୁ ଓ ଅନ୍ୟମାନେ ସାମିଲ ହୋଇଥିଲେ।

**ରାଇକିଆ,(ପ୍ରଦୀପ ବେହେରା):** ସେହିପରି ରାଇକିଆରେ ମଧ ଏହି ମଶାଲ ଶୋଭାଯାତ୍ରକୁ ସ୍ୱାଗତ କରାଯାଇଛି। ମହୋତ୍ସବର ପ୍ରଚାର ପ୍ରସାର ଏବଂ ଗ୍ରାମାଞ୍ଚଳର ଲୋକଙ୍କୁ ଏଥିରେ ସାମିଲ୍ ପାଇଁ ପ୍ରତ୍ୟେକ ବ୍ଲକ୍‌ରେ ମଶାଲ ପହଞ୍ଚିଛି। ମଶାଲକୁ ପ୍ରଶାସନ ତରଫରୁ ସହର



ପରିକ୍ରମା କରାଯାଇଥିଲା। ଏଥିରେ ବିଡ଼ିଓ ସବ୍ୟସାଚୀ ସାହୁ, ଏବିଡିଓ ଦିବ୍ୟସିଂହ କହଁର, ଏମ୍‌ପି ପ୍ରତିନିଧି ସନ୍ତୋଷ ଲେଙ୍କା, ସାହାରା ସମ୍ପାଦକ ସୁକାନ୍ତ ନାୟକ, ଡବ୍ଲୁଇଓ ଉର୍ମିଳା ପ୍ରଧାନ, ବ୍ଲକ୍ ପ୍ରୋଗ୍ରାମ କୋର୍ଡିନେଟର କମଲ ନାୟକ, ବିଏସଏସଓ, ଜୟଦେବ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

**ଦାରିଙ୍ଗବାଡି,(ଅରୁଣ ସାହୁ):** କନ୍ଧମାଳ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା ପାଇଁ ମଶାଲ ଶୋଭାଯାତ୍ରା ତୁମୁଡିବନ୍ଧ ବ୍ଲକ୍‌ରୁ ବାହାରି ଗୁରୁବାର ଦାରିଙ୍ଗବାଡ଼ିଠାରେ ପହଞ୍ଚିଥିଲା। ଏହାକୁ ମା'ପାଟଖଣ୍ଡାଙ୍କ ମନ୍ଦିରରେ ବ୍ଲକ୍ ପ୍ରଶାସନ ଓ ସ୍ଥାନୀୟ ବାସିନ୍ଦାଙ୍କ ଦ୍ୱାରା ସ୍ୱାଗତ କରାଯାଇଥିଲା। ବିଡ଼ିଓ ପ୍ରୀତିରଞ୍ଜନ ରଥଙ୍କ ନେତୃତ୍ୱରେ ବ୍ଲକ୍ ଅଧ୍ୟକ୍ଷ ସୁଶାନ୍ତ ପ୍ରଧାନ, ସିଡିପିଓ ସନ୍ଧ୍ୟାରାଣୀ ପଣ୍ଡା, କନ୍ଧମାଳ ଏମପିଙ୍କ ବ୍ଲକ ପ୍ରତିନିଧି ବିଷ୍ଣୁ ଚରଣ ପ୍ରଧାନ, ଭାଜପା ମଣ୍ଡଳ ସଭାପତି ମିଟୁ ସାହୁ, ଅଙ୍ଗନାୱାଡି କର୍ମୀ, ମିଶନଶକ୍ତିର ମହିଳା ଓ ଅଞ୍ଚଳବାସୀ ମଶାଲକୁ ସ୍ୱାଗତ ଜଣାଇଥିଲେ।

**ବାଲିଗୁଡ଼ା(ସଞ୍ଜୟ କୁମାର ପାଣିଗ୍ରାହୀ):** କନ୍ଧମାଳ ଜିଲା ସଦର ମହକୁମା ଫୁଲବାଣୀରେ ଚଳିତ ମାସ ମାର୍ଚ୍ଚ ୨୧ ରୁ ୨୫ ପର୍ଯ୍ୟନ୍ତ ହେବାକୁ ଥିବା ପଲ୍ଲୀଶ୍ରୀ ମେଳା ଓ କନ୍ଧମାଳ ମହୋତ୍ସବ ପରିପ୍ରେକ୍ଷୀରେ ମଶାଲ ଶୁଭାରମ୍ଭ ହୋଇଛି। ତୁମୁଡିବନ୍ଧ ବ୍ଲକର ଗୁମା ପଞ୍ଚାୟତ କ୍ରାଞ୍ଚା ନିକଟ ଜଙ୍ଗଲ ମଧ୍ୟରେ ରହିଥିବା ସପାଙ୍ଗଡାରୁ ପୂଜା ପାଠ ପରେ ଶୁଭାରମ୍ଭ ହୋଇଛି। ପରେ କ.ନୂଆଗାଁ ବ୍ଲକ୍ ଧୂଙ୍ଗିଆଦେଇ ଠାକୁରାଣୀଙ୍କ ପାଖରେ ପୂଜାର୍ଚ୍ଚନା ପରେ ବିଡିଓ ଶୁଭ୍ରାଞ୍ଜଳି ପ୍ରଧାନ, ପିଇଓ କେଶବ ଚନ୍ଦ୍ର କାମ୍ପୋ, ଶୁଭମ ମହାପାତ୍ର, ନିର୍ବାହୀଯନ୍ତ୍ରୀ ପ୍ରକାଶ ଚନ୍ଦ୍ର ସେଠୀ,ବ୍ଲକର ସମସ୍ତ ପିଇଓ, ଜିଲା ଭାଜପା ସଭାପତି ପଣ୍ଡିତ ବିଶିମାଝି, ବ୍ଲକ୍‌ଅଧ୍ୟକ୍ଷା ସୁଲୋଚନା ଦଳବେହେରା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

